# ବୃଦ୍ଧଙ୍କର ଶେଷ କେତେପଦ କଥା

● ରଘୁନାଥ ମହାପାତ୍ର

ମନ୍ତ୍ରୀ ଆସିବାରେ ସିନା ବିଳମ୍ବ ହୁଏ, ମାତ୍ର ମହାପ୍ରଭୁ ବଳଭଦ୍ର, ମହାପ୍ରଭୁ ଜଗନ୍ନାଥ ଓ ମାତା ସୁଭଦ୍ରା ବହୁଆଗରୁ ଆସି ସଭାମଣ୍ଡପରେ ବସି ଅପେକ୍ଷା କରି ରହନ୍ତି ମନ୍ତ୍ରୀଙ୍କଠାରୁ କିଛି ମିଥ୍ୟା, ଶଠତାପୂର୍ଣ୍ଣ ଏବଂ ଆତ୍ମମ୍ଭରି କଥା ଶୁଣିବା ପାଇଁ । ଭାଷଣ ପର୍ବ ପରେ ବକ୍ତା ଓ ଶ୍ରୋତା ଯେ ଯାହା ବାଟରେ ଯାଆନ୍ତି । ଯିବାବେଳେ ପ୍ରଭୁଙ୍କୁ ମୁଣ୍ଡିଆ ମାରିବା ଦୂରେଥାଉ କେହି ଥରେ ହେଲେ ପ୍ରଭୁଙ୍କ ଆଡ଼େ ଚାହାଁନ୍ତି ନାହିଁ । ସମସ୍ତଙ୍କର ଦୃଷ୍ଟି ରହିଥାଏ କେବଳ ମନ୍ତ୍ରୀଙ୍କ ଉପରେ । କାରଣ ଲୋକେ ଜାଣନ୍ତି ଠାକୁରଙ୍କୁ ମୁଣ୍ଡିଆ ମାରିଲେ ହଠାତ୍ ନିଜର ଈପ୍ସିତ ବସ୍ତୁ ପ୍ରାପ୍ତି ହୁଏ ନାହିଁ, ମାତ୍ରକ ମନ୍ତ୍ରୀ ଚାହିଁଲେ କ୍ଷଣକେ କୋଟୀ ଐଶ୍ୱର୍ଯ୍ୟ ଭରି ଦେଇପାରନ୍ତି । ସେ ଯାହା ହେଉ ପ୍ରଭୁଙ୍କୁ କିଏ ଚାହୁଁ ବା ନ ଚାହୁଁ ସେ କିନ୍ତୁ ସଭାଶେଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଚାହିଁ ବସିଥାନ୍ତି ଦାରୁଭୂତ ମୁରାରି ହୋଇ । ଏପରିକି ଡ଼େକୋରେଟର୍ ତା'ର ଅନ୍ୟାନ୍ୟ ଜିନିଷ ବନ୍ଧାବନ୍ଧି ସାରି ତାଙ୍କୁ ଟ୍ରଙ୍କ୍ ଭିତରେ ମୋଡ଼ି ମାଡ଼ି ରଖିବା ପର୍ଯ୍ୟନ୍ତ ସେ ଅପେକ୍ଷା କରି ରହିଥାନ୍ତି ।

ହଠାତ୍ ସଭାସ୍ଥଳ ଚଳଚଞ୍ଚଳ ହୋଇ ଉଠିଲା । ରେଳଗାଡ଼ି ପହଞ୍ଚିଗଲେ ନିଃଶବ୍ଦ ଷ୍ଟେସନଟି ଶବ୍ଦାୟମାନ ହେବା ପରି ସଭାସ୍ଥଳର କୋଳାହଳ ମନ୍ତ୍ରୀଙ୍କ ଆଗମନୀ ବାର୍ତ୍ତା ପ୍ରଚାରକଲା । ବାଣ, ବାଜା, ମେଢ଼ ଓ ପଟୁଆରେ ଖଣ୍ଡ ମଣ୍ଡଳ କମ୍ପିଉଠିଲା । ମନ୍ତ୍ରୀଙ୍କୁ ଦେଖିବାପାଇଁ ଠେଲା ପେଲା ମଧ୍ୟରେ ଯେ ଯାହାର ସୁବିଧାସ୍ଥାନ ବାଛି ନେବା ପାଇଁ ଚେଷ୍ଟା କଲେ । ଇତି ମଧ୍ୟରେ କଳାପତାକା ଦେଖାଉଥିବା କେତେକ ଲୋକଙ୍କୁ ମଧ୍ୟ ପୋଲିସ୍ ଗିରଫ କରିନେଲା । ମନ୍ତ୍ରୀ ଓ ବିଧାୟକ ସୁସଜ୍ଜିତ ଖୋଲା ଜିପ୍‌ରେ ଠିଆ ହୋଇ ଗଦାଏ ଫୁଲମାଳ ପିନ୍ଧି ସ୍ୱଭାବ ସୁଲଭ ଢ଼ଙ୍ଗରେ ହସି ହସି ଜନତା ଜନାର୍ଦନଙ୍କୁ ହାତଯୋଡ଼ି ଅଭିବାଦନ ଜଣାଉଥାଆନ୍ତି । ପୂର୍ବବ୍ୟବସ୍ଥା ଅନୁସାରେ ମଝିରେ ମଝିରେ ଲୋକେ ଗାଡ଼ି ଅଟକାଇ ଫୁଲମାଳ ଓ ଫୁଲତୋଡ଼ା ଉପହାର ଦେଉଥାନ୍ତି । କ୍ରମେ କ୍ରମେ ଏହି ପଟୁଆର ସଭାମଣ୍ଡପର ନିକଟବର୍ତ୍ତୀ ହେଲା ।

ତେଣେ ମାଇକ୍ ଗର୍ଜି ଉଠିଲା । ଆମର ପ୍ରିୟମନ୍ତ୍ରୀ - ସ୍ୱାଗତମ୍, ସ୍ୱାଗତମ୍ । ଆମର ପ୍ରିୟ ବିଧାୟକ- ସ୍ୱାଗତମ୍, ସ୍ୱାଗତମ୍ । ପୁଣି ତୁହାକୁ ତୁହା ଗର୍ଜନ । ଆମର ପ୍ରିୟମନ୍ତ୍ରୀ ଜିନ୍ଦାବାଦ, ଜିନ୍ଦାବାଦ; ଆମର ପ୍ରିୟ ବିଧାୟକ ଜିନ୍ଦାବାଦ, ଜିନ୍ଦାବାଦ । ଗେଟ୍ ମୁହଁରୁ ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ସ୍ଥାନୀୟ ୱାର୍ଡ଼ମେମ୍ବର କେଲୁଣୀ ଦିଦିଙ୍କ ସହିତ କେତେକ ମହିଳା ଅତିଥିଙ୍କୁ ହୁଳହୁଳି ପକାଇ ସଭାମଣ୍ଡପକୁ ପାଛୋଟି ନେଇଥିଲେ । ଏହି ସମୟରେ ଟିକିଏ ବିଶୃଙ୍ଖଳା ଦେଖାଗଲା ଯାହାକି ପ୍ରତ୍ୟେକ ସଭାରେ ଅଳ୍ପ ବହୁତ ଘଟିଥାଏ । କାରଣ ଅନେକ ଲୋକ ମନ୍ତ୍ରୀଙ୍କୁ ଅତି ନିକଟରୁ ନମସ୍କାର କରି ଚିହ୍ନାଲୋକ ପରି କଥାବାର୍ତ୍ତା ହୋବକୁ ଗୌରବର ବିଷୟ ବୋଲି ଭାବନ୍ତି । ଆଉଦଳେ ଟି.ଭି. କ୍ୟାମେରାରେ ମନ୍ତ୍ରୀଙ୍କ ପାଖରେ ନିଜ ମୁହଁ କିପରି ଦେଖାଯିବ ଏଥିପାଇଁ ଠେଲିପେଲି ହୋଇ ଆଗକୁ ଆସିଥାନ୍ତି । ଏହିପରି ବିଶୃଙ୍ଖଳା ସୃଷ୍ଟି ହେବାରୁ କେତେକ ଯୁବ କର୍ମୀ ହାତରେ କର୍ଡ଼ନ କରି ଅତିଥି ଦ୍ୱୟଙ୍କୁ ନେଇ ସଭା ମଣ୍ଡପରେ ବସାଇଲେ ।

ଶଙ୍ଖବାଜିବାରୁ ସଭାକାର୍ଯ୍ୟ ଆରମ୍ଭ ହେବାର ସୂଚନା ମିଳିଲା । ଜଟାଧାରୀ ପଣ୍ଡିତେ ''ଓଁ ମଙ୍ଗଳଂ ଭଗବାନ ବିଷ୍ଣୁଃ, ମଙ୍ଗଳଂ ମଧୁସୂଦନଂ... ସର୍ବ କାର୍ଯ୍ୟେଷୁ ମାଧବ'' ମଙ୍ଗଳାଷ୍ଟକ ଆବୃତ୍ତି କରି ଏକ ଭାବଗମ୍ଭୀର ପରିବେଶ ସୃଷ୍ଟି କରିଥିଲେ । ସଭାମଣ୍ଡପର ଏକ ପାର୍ଶ୍ୱରେ ପ୍ରଭୁ ବଳଭଦ୍ର, ପ୍ରଭୁ ଜଗନ୍ନାଥ ଓ ମାତା ସୁଭଦ୍ରାଙ୍କ ବଡ଼ ବଡ଼ ଦାରୁ ବିଗ୍ରହଙ୍କୁ ସୁସଜ୍ଜିତ କରି ବସାଯାଇଥାଏ । ହରିବୋଲ, ହୁଳହୁଳି ଓ ମନ୍ତ୍ରପାଠ ମଧ୍ୟରେ ମନ୍ତ୍ରୀ ମହୋଦୟ ପ୍ରଦୀପଜଳାଇ ସଭା ଉଦ୍‌ଘାଟନ କରିଥିଲେ । ବିଧାୟକ ମଧ୍ୟ ଫୁଲମାଳ ଦେଇ ହାତଯୋଡ଼ି ନମସ୍କାର କଲେ । ପ୍ରେସ୍‌ବାଲା ଫଟୋ ଉଠାଇଲେ । ଦର୍ଶକବୃନ୍ଦ ଘନ ଘନ କରତାଳି ବୃଷ୍ଟିକଲେ ।

ସଭାମଣ୍ଡପର ଖୁବ୍ ନିକଟରେ ଅଶୀବର୍ଷରୁ ଉର୍ଦ୍ଧ୍ୱ ହେଲେ ବୃଦ୍ଧବୃଦ୍ଧା ଚୌକିରେ ବସି ସଭାକାର୍ଯ୍ୟ ଦେଖୁଥିଲେ । ବୃଦ୍ଧା ଜଣଙ୍କ ମଝିରେ ମଝିରେ ବୃଦ୍ଧଙ୍କୁ ପ୍ରଶ୍ନ ପଚାରୁଥିଲେ ଓ ବୃଦ୍ଧ ଜଣକ ମଧ୍ୟ ଯଥାସାଧ୍ୟ ଉତ୍ତର ଦେଉଥିଲେ ।

**ବୃଦ୍ଧା-** ହଇହୋ ଶୁଭୁଛି, ମଠାକି ପାଟ ନ ପିନ୍ଧି ଛୁଆଁ ଲୁଗା ପିନ୍ଧି, ହାତଗୋଡ଼ ନଧୋଇ ମନ୍ତ୍ରୀ କିମିତି ଠାକୁରଙ୍କୁ ଛୁଇଁ ଫୁଲ ଚନ୍ଦନ ଦେଲେ ଓ ଧୂପଦୀପ ଜାଳି ପୂଜା କଲେ ?

**ବୃଦ୍ଧ-** ଆମ୍ଭମାନଙ୍କ କଥା ନିଆରା । ଏ ପରା ବଡ଼ ବଡ଼ିଆଙ୍କ କଥା । ସେମାନଙ୍କ ପାଖରେ ଦିଅଁ ଦେବତା, ଛୁଆଁ, ଅଛୁଆଁର ବାରଣ କିଛି ନାହିଁ ।

**ବୃଦ୍ଧା-** ବହୁଦିନ ତଳେ ମୈତ୍ର ତ୍ରିଲୋଚନପୁର ଗାଆଁରେ ସ୍ୱାଧୀନତା ପାଇବା ପାଇଁ ଯେଉଁ ବିରାଟ ସଭା ହୋଇଥିଲା ସେଠିକି ଯିବାକଥା ତୁମର ମନେ ଅଛି କି ନାହିଁ ?

**ବୃଦ୍ଧ -** ହଁ, ମନେ ଅଛି ।

**ବୃଦ୍ଧା-**ସ୍ୱାଧୀନତା ସଂଗ୍ରାମୀମାନେ ତ ସଭାମଣ୍ଡପରେ

ଜଗନ୍ନାଥଙ୍କ ମୂର୍ତ୍ତି ବସାଇ ନଥିଲେ !

**ବୃଦ୍ଧ-** ଓ ହୋ ! ସେ ମଣିଷ ଏ ମଣିଷ କ'ଣ ସମାନ ! ସେମାନେ ଥିଲେ ତ୍ୟାଗୀ କିନ୍ତୁ ଏମାନେ ହେଉଛନ୍ତି ଭୋଗୀ । ସେମାନେ ଜଗନ୍ନାଥଙ୍କୁ ଭକ୍ତି କରୁଥିଲେ ମାତ୍ରକ ଏମାନେ ତାଙ୍କୁ ବ୍ୟବସାୟରେ ଲଗାଉଛନ୍ତି । ଦେଖୁନ ଭାଗ୍ୟ-ଭଗବାନରେ ବିଶ୍ୱାସୀ ଧର୍ମଭୀରୁ ଜନତାଙ୍କ ଧର୍ମ ଦୁର୍ବଳତାକୁ ଲୁଣ୍ଠନ କରିବା ପାଇଁ କିପରି ଜଗନ୍ନାଥଙ୍କୁ ବସାଇଛନ୍ତି । ମନ୍ତ୍ରୀ ତ ନିର୍ବାଚନ ପ୍ରଚାର କରୁଛନ୍ତି, କ'ଣ ଆବଶ୍ୟକ ଏଠି ଜଗନ୍ନାଥଙ୍କୁ ସଭାମଣ୍ଡପକୁ ଆଣିବା ! ମନ୍ଦିର ବା ଖଟୁଲିରେ ବସାଇଲେ ସିନା ଠାକୁରଙ୍କର ପ୍ରାଧାନ୍ୟ ବଢ଼େ, କିନ୍ତୁ ସଭା ସମିତି ଇତ୍ୟାଦିରେ ଠାକୁରଙ୍କୁ ବସାଇଲେ ଆମେ ହେଉ ମୁଖ୍ୟ ସେ ହୁଅନ୍ତି ଗୌଣ । ତାଙ୍କର ନାମନେଇ ଆମେ ଆମର ସ୍ୱାର୍ଥ ସାଧନ କରିଥାଉ । ହେଇଟି ତୁମେ ସେଦିନ କହୁଥିଲା ନା ଜଗନ୍ନାଥ ଓ ଦୁର୍ଗାଙ୍କ ଫଟୋ ଛପା ହୋଇଥିବା ଚିରା କ୍ୟାଲେଣ୍ଡର୍‌ଟିଏ ଦାଣ୍ଡରେ ମୋଚାମୋଚି ହୋଇ ପଡ଼ିଛି ଏବଂ ତା ଉପରେ ସମସ୍ତେ କୁଦିଚକଟି ଯାଉଛନ୍ତି ବୋଲି । ଏହା କେତେ ବଡ଼ ଅପରାଧ! କ'ଣ ଦର୍କାର,ନିଜ ବ୍ୟବସାୟର ପ୍ରଚାର ପ୍ରସାର ପାଇଁ ଠାକୁରଙ୍କ ଫଟୋ ଛପାଇ ତାଙ୍କୁ ନଳାପାଣିରେ ଭସାଇ ଦେବା !

**ବୃଦ୍ଧା -** ମନ୍ତ୍ରୀ ଆଳତି ଲଗାଇ ଉଦ୍‌ଘାଟନ କଲାବେଳେ ଲୋକେ ମୁଣ୍ଡିଆ ନମାରି ତାଳି କାହିଁକି ମାରିଲେ ? ଆମ ବଡ଼ ଦେଉଳରେ ଠାକୁରଙ୍କ ଆଳତି ସମୟରେ କ'ଣ ଏପରି ତାଳି ମରା ହେଉଛି ନା ଆମ ଘର ଖଟୁଲିରେ ବସିଥିବା ଜଗନ୍ନାଥଙ୍କ ଆଗରେ ସଞ୍ଜବତି ଜାଳିବା ବେଳେ ତାଳିମରା ହେଉଛି !

**ବୃଦ୍ଧ -** ଜନତାଙ୍କ ତାଳି ଠାକୁରଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ମନ୍ତ୍ରୀ ଓ ବିଧାୟକ ସେମାନଙ୍କର ଆରାଧ୍ୟ ଦେବତାଙ୍କୁ ପୂଜା ଅର୍ଚ୍ଚନା କରୁଥିବାରୁ ତାଳି ମାଧ୍ୟମରେ ସେହି ମହାମାନ୍ୟ ମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଉଛି । ତଥାପି ତୁମ କଥା ମଧ୍ୟ ଏକ ପ୍ରଶ୍ନବାଚୀ । ହଉ ଚାହଁ ସିଆଡ଼େ କ'ଣ ହେଉଛି । ପରେ କଥା ହେବା । ଏହା କହି ବୃଦ୍ଧ ଜଣକ ଚୁପ୍ ହୋଇ ବସିଲେ ।

ଏହା ପରେ ଛୋଟ ଛୋଟ ଝିଅଙ୍କ ଦ୍ୱାରା ଅତିଥିମାନଙ୍କର ଅଭ୍ୟର୍ଥନା ପର୍ବ ଓ ଆବାହନୀ ସଙ୍ଗୀତ ପରିବେଷଣ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଆସିଲା ପରିଚୟ ପ୍ରଦାନପର୍ବ ଅର୍ଥାତ୍ ଖୋସାମତି ପର୍ବ । କାରଣ ଅତିଥିମାନେ ପ୍ରକୃତରେ ଯାହା ନୁହଁନ୍ତି ତାଙ୍କୁ ଦଶଗୁଣା ବଢ଼ାଇ ଶ୍ରୋତାମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥାଏ । ବ୍ଲକ୍ ଭାଇସ୍ ଚେୟାର୍‌ମ୍ୟାନ୍ ରାମହରିବାବୁ ଅତିଥି ଦ୍ୱୟ ତଥା ସଭାପତି ରୂପେ ବସିଥିବା ବ୍ଲକ୍ ଚେୟାର୍‌ମ୍ୟାନ୍ ଶ୍ରୀହରି ବାବୁଙ୍କୁ ବହୁ ଟେକିଟାକି କହିଥିଲେ । ଏହାପରେ ସଭାପତିଙ୍କ ନିର୍ଦ୍ଦେଶରେ ଜଣକପରେ ଜଣେ ଭାଷଣ ଦେଇଥିଲେ । ମନ୍ତ୍ରୀ ମହୋଦୟଙ୍କ ପାଳି ପଡ଼ିଲା । ସେ ନିଜର ସ୍ୱଭାବ ସୁଲଭ ବାକ୍‌ଚାତୁରୀ ଦ୍ୱାରା ଘନ ଘନ କରତାଳି ମଧ୍ୟରେ ବିଧାୟକଙ୍କୁ ଦେଶମାତୃକାର ଜଣେ ସଚ୍ଚା ସେବକ ରୂପେ ଜନତାଙ୍କ ଆଗରେ ଉପସ୍ଥାପିତ କରୁଥାନ୍ତି । ଏହି ସମୟରେ ବିଜୁଳି ଆଲୋକ ଲିଭି ଯାଇ ଅନ୍ଧାର ହୋଇଗଲା । ସଭାମଞ୍ଚ ଉପରକୁ ଗ୍ରାନାଇଟ୍ ବୋଲ୍‌ଡ଼ର୍ ବୃଷ୍ଟି ହେଲା ଓ ଲାଗ ଲାଗ ପାଞ୍ଚ ଛଅଟା ବୋମା ଷ୍ଟେଜ୍ ପାଖରେ ପଡ଼ି ଫୁଟିଥିଲା । ସବୁଆଡ଼େ ହୋ ହଲ୍ଲା ଓ ଦଳାଚକଟା ସୃଷ୍ଟି ହେଲା । କିଏ କେଉଁଆଡ଼େ ଆତ୍ମରକ୍ଷା କରି ପଳାଇବାକୁ ଲାଗିଲେ । ଟେକାମାଡ଼ରେ ମନ୍ତ୍ରୀଙ୍କ ମୁଣ୍ଡ ଫାଟି ଗଲା । ଚୌକି ବେଞ୍ଚଗୁଡ଼ିକ ମାଙ୍କଡ଼ଚିତ୍ ମାରି ଭଙ୍ଗାତୁଟା ହୋଇଗଲା । ପୋଲିସ୍ ଟର୍ଚ୍ଚ ମାରି ହୁଇସିଲ୍ ବଜାଇ ଯାହାକୁ ଦେଖିଲା ତାକୁ ନିର୍ଘାତିଆ ପିଟିଲା । ବହୁତ ଲୋକ ଖଣ୍ଡିଆ ଖାବରା ହେଲେ । ଏହିପରି ଆଇନ୍ ଶୃଙ୍ଖଳା ପରିସ୍ଥିତିର ବିପର୍ଯ୍ୟୟ ଘଟିବାରୁ ମନ୍ତ୍ରୀ ଓ ବିଧାୟକ ବାଧ୍ୟହୋଇ ପୋଲିସ୍ ଘେର ମଧ୍ୟରେ ତାଙ୍କ ନାଲିବତୀ ଲାଗିଥିବା ଗାଡ଼ିରେ ବସି ସଭାସ୍ଥଳ ଛାଡ଼ି ଚାଲିଗଲେ ।

ଦଶ, ପନ୍ଦର ମିନିଟ୍ ପରେ ଜେନେରେଟର୍ ଷ୍ଟାର୍ଟ କରାଯାଇ ଆଲୁଅ ଜଳିଲା ବେଳକୁ ଦେଖାଗଲା ସଭାମଣ୍ଡପଟି ଏକ ଭୂମିକମ୍ପ ବିଧ୍ୱସ୍ତ ସ୍ତୁପରେ ପରିଣତ ହୋଇଛି । ବୃଦ୍ଧା ଲୋକଟି ଦଳାଚକଟା ମଧ୍ୟରେ ରକ୍ତାକ୍ତ ହୋଇ ବସିଥିବା ଚୌକି ପାଖରେ ମରିପଡ଼ିଛନ୍ତି । ସଭାମଣ୍ଡପ ପଛପଟେ ଏକ ନର୍ଦ୍ଦମା ଖାତ ପାଖରେ ବୃଦ୍ଧ ଜଣକ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ତାଙ୍କ ପାଖରେ ମୁହଁ ମାଡ଼ି ପଡ଼ିଛନ୍ତି ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ଦାରୁ ବିଗ୍ରହ । ବୃଦ୍ଧ ଜଣକ ହାତଠାରି ପାଣି ମାଗିଥିଲେ । ପାଣି ଢ଼ୋକେ ପିଇ ସେ ବିଗ୍ରହଙ୍କୁ ଧରି କାନ୍ଦି ଉଠିଥିଲେ । ସେ କ୍ରନ୍ଦନ ଧ୍ୱନି ମଧ୍ୟରେ ଅସ୍ପଷ୍ଟ ଭାବରେ କହିଥିଲେ ଯେ ''ଶ୍ରୀଜଗନ୍ନାଥ ମହାପ୍ରଭୁ କ'ଣ ଖେଳଣା କଣ୍ଢେଇ ଯେ ତାଙ୍କୁ ଯିଏ ଯେଉଁଠି ଯେପରି ବସାଇ ତାଙ୍କ ମର୍ଯ୍ୟାଦାର ଦୁରୁପଯୋଗ କରିବ ! ସେ କ'ଣ ଏତେ ଶସ୍ତା ଯେ ନିଜ ବ୍ୟବସାୟର ପ୍ରଚାର ପାଇଁ ତାଙ୍କ ଫଟୋ ଚିତ୍ର ଛାପି ତାଙ୍କ ପ୍ରତି ଅବମାନନା ପ୍ରଦର୍ଶନ କରିବ ଓ ତାଙ୍କ ନାମରେ ଶସ୍ତା ସଙ୍ଗୀତ ରଚନା କରି ଭକ୍ତିଭାବ ଉଦ୍ରେକ କରାଇବା ପରିବର୍ତ୍ତେ କଦର୍ଯ୍ୟ ମାନସିକତା ସୃଷ୍ଟି କରିବ ! ଏ ସବୁର ତୁରନ୍ତ ଅବସ୍ଥାନ ଘଟୁ । ଏହାଥିଲା ବୃଦ୍ଧଙ୍କର ଶେଷ କଥା ।

ମୁଣ୍ଡରେ ଆଘାତ ଲାଗି ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ସେ ଆଉ କିଛି କହିପାରି ନଥିଲେ । ଏତିକି କହିବାପରେ ପାଟିବନ୍ଦ ହୋଇଗଲା । ତିନିଥର ହିକ୍କା ଉଠି ଜୀବନ ଦୀପ ନିର୍ବାପିତ ହୋଇଯାଇଥିଲା ।

ଏହା ଏକ କାଳ୍ପନିକ କାହାଣୀ ହେଲେ ମଧ୍ୟ ଏଥିରେ ଭରି ରହିଛି କିଛିଟା ଧର୍ମୀୟ ଆବେଗ ଓ ବିତର୍କ ପାଇଁ କିଛିଟା ଖୋରାକି । ସେ ଯାହା ହେଉ ବୃଦ୍ଧଙ୍କର ଶେଷ କେତେପଦ କଥା ଏବଂ ମର୍ମନ୍ତୁଦ ଅନ୍ତର୍ଦାହ ଆମ ସମସ୍ତଙ୍କ ପାଇଁ ଚିନ୍ତନର ବାର୍ତ୍ତା ହେଉ ।

❑❑❑

ପୀତାମ୍ବରୀନିଳୟ
ପ୍ରଭାତ ଲେନ୍, ଦଣ୍ଡତୋଟା, ପୁରୀ